ଓଡିଶା ସରକାର

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

*********

**ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୨୧ ର ଅଧିନିୟମ ୧ ଅନୁଯାୟୀ ଜାରି ସର୍ବସାଧାରଣ ନୋଟିସ**

ନୋଟିସ ସଂଖ୍ୟା - ୧୨୪୪

ତାରିଖ- ୧୨.୧୧.୧୮

ଏତଦଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ପ୍ରକାଶିତ ଅଧିସୂଚନା ସଂଖ୍ୟା-୬୨୪୧ ତା-୧୮.୦୪.୨୦୧୮ ରିଖ ଏବଂ ଉକ୍ତ ଆଇନ ଅନ୍ତର୍ଗତ ଧାରା ୧୯ ର ଅଧିନିୟମ ୧ ଦ୍ୱାରା ଜାରି ଘୋଷଣା ପତ୍ର ସଂଖ୍ୟା- ୧୬୮୧୨ ତା-୩୧.୧୦.୨୦୧୮ ରିଖ ଅନୁସାରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା-**ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ର ସମ୍ପ୍ରସାରଣ** ନିମନ୍ତେ ମୌଜା-**ଜାଗମରା**, ଥାନା-ନିଉ କାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ରୁ ନିମ୍ନ ତଫସିଲ ମତେ ମୋଟ ଏ. ୦.୦୯୬ ପରିମିତ ବେସରକାରୀ ଜମି ଅଧିଗ୍ରହଣ ହେଉଅଛି । ସେହି ଅଧିଗୃହିତ ହେଉଥିବା ଜମିରେ ଯେଉଁ ମାନଙ୍କର ସ୍ୱାର୍ଥ ନିହିତ ଅଛି ବା ଯେଉଁ ମାନେ ଉକ୍ତ ଜମିରେ ସତ୍ୱବାନ ଅଟନ୍ତି, ସେମାନେ **ଭୂ-ଅର୍ଜନ ଉପବିଭାଗ, ଜିଲ୍ଲାପାଳଙ୍କ କାର୍ଯାଳୟ, ଖୋର୍ଦ୍ଧା** ରେ ଆସନ୍ତା ତା ୨୦.୧୧.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସ୍ୱୟଂ ବା ଏଜେଣ୍ଟ ଦ୍ୱାରା ଉପସ୍ଥିତ ହୋଇ ସେହି ଜମିରେ ଥିବା ତଦ୍ରୁପ ସ୍ୱାର୍ଥ ର ପ୍ରକୃତି, ସେହି ସ୍ୱାର୍ଥ ନିମିତ୍ତ ଥିବା ଦାବିର ବିଶେଷ ବିବରଣୀ ସହ ପ୍ରକାଶିତ ହୋଇଥିବା ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଏବଂ ଉପରୋକ୍ତ ଆଇନ ର ଧାରା ୨୦ ଅନୁଯାୟୀ କୃତ ମାପ ସମ୍ବନ୍ଧରେ ଯଦି କୌଣସି ଆପତ୍ତି ଥାଏ ତେବେ ଉପଯୁକ୍ତ କାଗଜାତ ସହ ତାହା ଜଣାଇବେ ।

ବି.ଦ୍ର- ଭୂମି ଅନୁସୂଚି ଏଥି ସହ ସଂଲଗ୍ନ ହୋଇଅଛି

ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

## ଅଧିଗୃହିତ ଜମିର ବିବରଣୀ

ମୌଜା-ଜାଗମରା
ଜିଲ୍ଲା-ଖୋର୍ଦ୍ଧା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜାଗମରା | ସହରାଞ୍ଚଳ | ୧୧୩୩/ ୩୧୧୩ | ୧୩୯୨/ ୨୩୯୩ | ଘରବାରି-୨ | ଏ. ୦.୧୪୦ | ଏ. ୦.୦୯୬ | ରାଜେଶ କୁମାର ମାଫିଦାର, ପି-ପୂର୍ଣଚନ୍ଦ୍ର ମାଫିଦାର |

ମୋଟ ଏ. ୦.୦୯୬

ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

COURT OF LAND ACQUISITION OFFICER BHUBANESWAR KHURDA